# NATIONAL NEWS BULLETIN (ODIA)

## 24 December - 2024

## Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ଭାରତ ବିରୋଧୀ ସଂଗଠନ ଓ ନେଟୱର୍କ ଗୁଡ଼ିକୁ ଚିହ୍ନଟ କରିବା ଲାଗି ଗୁଇନ୍ଦା ସମନ୍ୱୟ ରଣନୀତି ବିକଶିତ କରିବା ଉପରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।
- ଜାତୀୟ ଖାଉଟୀ ଦିବସ ଅବସରରେ ଆଜି କେତେକ ସ୍ୱତନ୍ତ୍ର ପଦକ୍ଷେପ ସମ୍ପର୍କରେ ଘୋଷଣା କରିବେ କେନ୍ଦ୍ର ଖାଉଟୀ ବ୍ୟାପାର ମନ୍ତ୍ରୀ ।
- ୨୦୨୫ ସାଧାରଣତନ୍ତ୍ର ଦିବସ ପାଇଁ ବିଷୟବସ୍ତୁ ଘୋଷଣା କଲା ପ୍ରତିରକ୍ଷା ମନ୍ତ୍ରଣାଳୟ ।
- ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଭି. ରାମା ସୁବ୍ରମଣ୍ୟମ ଜାତୀୟ ମାନବାଧିକାର ଆୟୋଗର ଅଧ୍ୟକ୍ଷ ନିଯୁକ୍ତ ।

ଏବଂ

- ମହିଳା କ୍ରିକେଟ୍‌ରେ ଆଜି ଭଦୋଦରାର କୋଟାମ୍ବିଠାରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ମୁହାଁମୁହିଁ ହେବେ ଭାରତ ଓ ୱେଷ୍ଟଇଣ୍ଡିଜ ।

# ଅମିତ ଶାହା

ଭାରତ ବିରୋଧୀ ସଂଗଠନ ଏବଂ ନେଟୱର୍କ ଗୁଡ଼ିକୁ ଚିହ୍ନଟ କରିବା ଲାଗି ବନ୍ଧୁ ରାଷ୍ଟ୍ରମାନଙ୍କ ସହିତ ଗୁଇନ୍ଦା ସମନ୍ୱୟ ରଣନୀତି ବିକଶିତ କରିବା ଉପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ୩୭ତମ ଗୁଇନ୍ଦା ବ୍ୟୁରୋରେ ଶତବାର୍ଷିକୀ ଉଦ୍‌ବୋଧନ ଅବସରରେ ଶ୍ରୀ ଶାହା କହିଛନ୍ତି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ଆକ୍ରମଣ, ସାଇବର ଆକ୍ରମଣ ଏବଂ ଉଗ୍ରବାଦ ଭଳି ଆହ୍ୱାନର ମୁକାବିଲା ନିମନ୍ତେ ଚିରାଚରିତ ବ୍ୟବସ୍ଥାଠାରୁ ବାହାରକୁ ଯାଇ ଚିନ୍ତା କରିବାର ଆବଶ୍ୟକତା ରହିଛି । ଗୁଇନ୍ଦା ବ୍ୟୁରୋକୁ ପ୍ରଶଂସା କରି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି କାର୍ଯ୍ୟପଦ୍ଧତି, ସତର୍କତା, ତ୍ୟାଗ ଓ ସମର୍ପଣ ପରମ୍ପରା ଯୋଗୁଁ ଆମ ଦେଶ ସୁରକ୍ଷିତ ରହିଛି । ଶ୍ରୀ ଶାହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସୁରକ୍ଷା ସଂସ୍ଥାଗୁଡ଼ିକ ଗତ ୫ ବର୍ଷ ମଧ୍ୟରେ ଦେଶର ସୁରକ୍ଷାକୁ ଆହୁରି ସୁଦୃଢ଼ କରିପାରିଛନ୍ତି । ଶ୍ରୀ ଶାହା କହିଛନ୍ତି ସୁରକ୍ଷା ସଂସ୍ଥା ଗୁଡ଼ିକର ସଫଳତା ଏହାର କର୍ମଚାରୀଙ୍କୁ ଦିଆଯାଇଥିବା ପ୍ରଶିକ୍ଷଣର କ୍ଷମତା ଉପରେ ନିର୍ଭର କରିଥାଏ । ଆଗାମୀ ଦିନରେ ଗୁଇନ୍ଦା ଓ ଆଇନ୍ ପ୍ରବର୍ତ୍ତନକାରୀ ସଂସ୍ଥା କୃତ୍ରିମ ବୁଦ୍ଧିମତା ଓ

ମେସିନ ଲର୍ଣ୍ଣିଂ ବ୍ୟବସ୍ଥାର ବ୍ୟବହାର ବୃଦ୍ଧି କରିବା ଆବଶ୍ୟକ । ସେ କହିଛନ୍ତି ୨୦୪୭ ସୁଦ୍ଧା ଏକ ସମ୍ପୂର୍ଣ୍ଣ ବିକଶିତ ଭାରତର ସ୍ୱପ୍ନ ପୂରଣ ଲାଗି ସୁରକ୍ଷା ସଂସ୍ଥାଗୁଡ଼ିକୁ ସମସ୍ତ ସମ୍ଭାବ୍ୟ ବିପଦକୁ ଆକଳନ କରିବା ଏବଂ ସେଥିରୁ ଦେଶକୁ ରକ୍ଷା କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ । ସେ କହିଛନ୍ତି କ୍ରିପ୍ଟୋମୁଦ୍ରା ପାଇଁ ବ୍ଲକ ଚେନ ବିଶ୍ଲେଷଣ ଉପକରଣ ବ୍ୟବହାର କରାଯିବା ଆବଶ୍ୟକ । ନକଲି ଇ-ମେଲ୍ ଏବଂ ମିଛ କଲ୍ ବିରୋଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ସମୟ ଆସିଛି ।

## ପ୍ରହ୍ଲାଦ କନ୍‌ଜୁମର ଡେ

ଜାତୀୟ ଖାଉଟୀ ଦିବସ ଅବସରରେ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ଖାଉଟୀ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଅଧ୍ୟକ୍ଷତା କରିବେ । ଏଥିରେ ସେ କେତେକ ସ୍ୱତନ୍ତ୍ର ପଦକ୍ଷେପ ସମ୍ପର୍କରେ ଘୋଷଣା କରିବାର ସମ୍ଭାବନା ଅଛି । ଖାଉଟୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମନ୍ତ୍ରୀ ଶ୍ରୀ ଯୋଶୀ ଇ-ମାପ ପୋର୍ଟାଲ, ଏଆଇ ଆଧାରିତ ଜାତୀୟ ଉପଭୋକ୍ତା

ହେଲ୍‌ପଲାଇନ୍ ୨ ପଏଣ୍ଟ ଜିରୋ, ଜାଗୋ ଗ୍ରାହକ ଜାଗୋ ଆପ୍, ଜାଗୃତି ଆପ୍ ଏବଂ ଜାଗୃତି ଡ୍ୟାସ୍‌ବୋର୍ଡର ଶୁଭାରମ୍ଭ କରିବେ । ସୂଚନା ଅନୁଯାୟୀ ଏହି ପଦକ୍ଷେପ ଗୁଡ଼ିକ ଉପଭୋକ୍ତା ମାନଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିବା ସହ ସଚେତନ କରାଇବ । ଏହି ଅବସରରେ ୧୩ଟି ପ୍ରମୁଖ ଇ-କମର୍ସ କମ୍ପାନୀ ଉପଭୋକ୍ତାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ପ୍ରତିଶ୍ରୁତି ପତ୍ରରେ ସ୍ୱାକ୍ଷର କରିବେ । ଚଳିତବର୍ଷ ଜାତୀୟ ଖାଉଟୀ ଦିବସର ବାର୍ତ୍ତା ରହିଛି ଡିଜିଟାଲ ନ୍ୟାୟ ପାଇବା ପାଇଁ ଭର୍ଚୁଆଲ ଶୁଣାଣି ଏବଂ ଡିଜିଟାଲ ଆକ୍ସେସ ।

## କନ୍‌ଜୁମର ଆଫେୟାର ଆପ୍

ଖାଉଟୀ ଦିବସ ଅବସରରେ ଆଜି ଖାଉଟୀ ବ୍ୟାପାର ବିଭାଗ ପକ୍ଷରୁ ଜାଗୋ ଗ୍ରାହକ ଜାଗୋ ଏବଂ ଜାଗୃତି ଆପ୍ ଓ ଜାଗୃତି ଡ୍ୟାସ୍‌ବୋର୍ଡର ଉନ୍ମୋଚନ କରାଯିବ । ଏହାଫଳରେ କେନ୍ଦ୍ରୀୟ ଖାଉଟୀ ସୁରକ୍ଷା ପ୍ରାଧିକରଣ ସ୍ୱୟଂଚାଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସକ୍ଷମ ହେବ । ଜାଗୋ ଗ୍ରାହକ ଜାଗୋ ଆପ୍‌ର ଉଦ୍ଦେଶ୍ୟ ହେଉଛି ଉପଭୋକ୍ତାଙ୍କ ଅନ୍‌ଲାଇନ୍ କାର୍ଯ୍ୟକଳାପ ସମୟରେ ସାର୍ବଜନୀନ ଲିଙ୍କ ବିଷୟରେ ଅତି

ଆବଶ୍ୟକ ଇ-କମର୍ସ ସୂଚନା ପ୍ରଦାନ କରିବା । ଉପଭୋକ୍ତାଙ୍କ ନିକଟକୁ ଆସୁଥିବା କୌଣସି ଲିଙ୍କ ସୁରକ୍ଷିତ କି ନୁହେଁ ତାହା ଏହି ଆପ୍ ଜରିଆରେ ଜଣାପଡିବ । ଅନ୍ୟପକ୍ଷରେ ଜାଗୃତି ଆପ୍ ଜରିଆରେ କୌଣସି ସନ୍ଦେହଜନକ ଲିଙ୍କ ସମ୍ପର୍କରେ ରିପୋର୍ଟ କରାଯାଇ ପାରିବ । ଏଥିରେ ସମ୍ଭାବ୍ୟ ସମାଧାନ ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଭିଯୋଗ ପଞ୍ଜିକରଣ କରାଯିବାର ବ୍ୟବସ୍ଥା ରହିଛି ।

## ଏନ୍ଆଇଏ-ଖଲିସ୍ତାନୀ ଆରେଷ୍ଟ

ଖଲାସ୍ତାନୀ ଆତଙ୍କବାଦୀ ଲଖବୀର ସିଂହ ଏବଂ ଗ୍ୟାଙ୍ଗଷ୍ଟାର ବଚିତାର ସିଂହର ଜଣେ ପ୍ରମୁଖ ସହଯୋଗୀଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍ଆଇଏ ମୁମ୍ବାଇରୁ ଗିରଫ କରିଛି ।  ପଞ୍ଜାବୀ ଆତଙ୍କୀ ଷଡ଼ଯନ୍ତ୍ରରେ ସେ ସଂପୃକ୍ତ ଥିବା କୁହାଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ଏନ୍ଆଇଏ ପକ୍ଷରୁ କୁହାଯାଇଛି ଯେ ଗିରଫ ଯତୀନ୍ଦ୍ର ସିଂହ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ବାବର ଖାଲସା ଇଣ୍ଟରନ୍ୟାସନାଲର ବିଦେଶସ୍ଥିତ ଲଖବୀର ଦ୍ୱାରା ଗଠିତ ଆତଙ୍କବାଦୀ ସଂଗଠନର ସଦସ୍ୟ । ଏନ୍ଆଇଏ ପକ୍ଷରୁ ଆହୁରି ମଧ୍ୟ କୁହାଯାଇଛି ଯତୀନ୍ଦ୍ର ସିଂହ ପଞ୍ଜାବର ଲଖବୀର ଏବଂ

ବଟିତାରର ସହଯୋଗୀମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଉଥିଲା । ଯତୀନ୍ଦ୍ର ସିଂହ ମଧ୍ୟପ୍ରଦେଶରୁ ୧୦ଟି ପିସ୍ତଲ ଆଣି ପଞ୍ଜାବର ଆତଙ୍କବାଦୀମାନଙ୍କୁ ଦେଇଥିବା ଜଣାପଡିଛି । ସେ ମଧ୍ୟପ୍ରଦେଶରୁ ଅଧିକ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ କରିବାକୁ ଯୋଜନା କରିଥିଲେ ମଧ୍ୟ ଏନ୍‌ଆଇଏ ପକ୍ଷରୁ କ୍ରମାଗତଭାବେ ଯାଞ୍ଚ ଯୋଗୁଁ ଏହା ସମ୍ଭବ ହୋଇ ପାରିନଥିଲା ।

# ରିପବ୍ଲିକ ଡେ-ଟ୍ୟାବ୍‌ଲେକ୍ସ

୨୦୨୫ ମସିହା ସାଧାରଣତନ୍ତ୍ର ଦିବସ ପାଇଁ ସ୍ୱର୍ଣ୍ଣିମ ଭାରତ-ବିରାସତ ଓ ବିକାଶ ବିଷୟବସ୍ତୁ ରହିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି । ପ୍ୟାରେଡ ସମୟରେ କର୍ତ୍ତବ୍ୟପଥରେ ୧୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସେମାନଙ୍କ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରିବେ । ସେହି ରାଜ୍ୟଗୁଡ଼ିକ ହେଉଛି ଆନ୍ଧ୍ରପ୍ରଦେଶ, ବିହାର, ଚଣ୍ଡିଗଡ, ଦାଦର ନଗରହାବେଲି ଏବଂ ଦାମନ ଓ ଡିଉ, ଝାଡ଼ଖଣ୍ଡ, ଗୁଜୁରାଟ, ହରିୟାଣା ଓ କର୍ଣ୍ଣାଟକ । ଏହାଛଡା ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ନିମନ୍ତେ ୧୧ଟି ମନ୍ତ୍ରଣାଳୟ ଓ ଅନ୍ୟାନ୍ୟ ବିଭାଗକୁ ଚୟନ କରାଯାଇଛି ।

## ଜୟଶଙ୍କର-ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜିଠାରୁ ୬ ଦିନିଆ ଯୁକ୍ତରାଷ୍ଟ୍ର ଆମେରିକାରେ ଯିବେ। ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ତାଙ୍କ ଆମେରିକୀୟ ପ୍ରତିପକ୍ଷଙ୍କ ସହ ବିଭିନ୍ନ ଦ୍ୱିପକ୍ଷୀୟ, ଆନ୍ତର୍ଜାତିକ ଏବଂ ବୈଶ୍ୱିକ ସମସ୍ୟା ଉପରେ ଆଲୋଚନା କରିବେ। ଏହାଛଡ଼ା ଡକ୍ଟର ଜୟଶଙ୍କର ଆମେରିକାଠାରେ ଥିବା ଭାରତର କନସଲ୍ ଜେନେରାଲ୍ସ ସମ୍ମିଳନୀରେ ଅଧ୍ୟକ୍ଷତା କରିବାର କାର୍ଯ୍ୟସୂଚୀ ରହିଛି।

## ଏନ୍ଏଚ୍ଆର୍ସି-ଚେୟାର ପର୍ସନ

ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଭି. ରାମାସୁବ୍ରମଣ୍ୟମଙ୍କୁ ଜାତୀୟ ମାନବାଧିକାର ଆୟୋଗର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ ରାମାସୁବ୍ରମଣ୍ୟମଙ୍କୁ ଏହି ନିଯୁକ୍ତି ଦେଇଛନ୍ତି । ଆୟୋଗର ସଦସ୍ୟଭାବେ ରାଷ୍ଟ୍ରପତି ପ୍ରିୟଙ୍କ କାନୁନ୍ଗୋ ଏବଂ ଅବସରପ୍ରାପ୍ତ ବିଚାରପତି ଡକ୍ଟର ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କୁ ମଧ୍ୟ ନିଯୁକ୍ତି ଦେଇଛନ୍ତି ।

ଜଷ୍ଟିସ ରାମାସୁବ୍ରମଣ୍ୟମ ୨୦୧୯ ସେପ୍ଟେମ୍ବର ୨୩ ତାରିଖରେ ସୁପ୍ରିମକୋର୍ଟର ବିଚାରପତିଭାବେ ନିଯୁକ୍ତ ହୋଇଥିଲେ ଏବଂ ୨୦୨୩

ଜୁନ୍ ୨୯ରେ ଅବସର ଗ୍ରହଣ କରିଥିଲେ । ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅରୁଣ କୁମାର ମିଶ୍ର ଜୁନ୍ ପହିଲାରେ ଜାତୀୟ ମାନବାଧିକାର ଆୟୋଗର ଅଧ୍ୟକ୍ଷ ଭାବେ କାର୍ଯ୍ୟକାଳ ସମାପ୍ତ କରିଥିଲେ । ବିଜୟଭାରତୀ ସାୟାନି କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଥିଲେ ।

## ଏମ୍‌ଇଏ-ହସିନା

ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ସେଠାକାର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ନିଜ ଦେଶକୁ ଫେରାଇ ନେବାଲାଗି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି । ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ବାଂଲାଦେଶ ଉଚ୍ଚାୟୁକ୍ତ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଏକ ନୋଟ୍ ଭରବାଲେ ଦେଇଥିବା ଜଣାପଡିଛି । ଏହାର ଜବାବରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଏ ସମ୍ପର୍କରେ ଏବେ କୌଣସି ମନ୍ତବ୍ୟ ଦିଆଯାଇ ପାରିବ ନାହିଁ । ଚଳିତବର୍ଷ ଅଗଷ୍ଟରେ ପ୍ରଧାନମନ୍ତ୍ରୀ ପଦରୁ ବହିଷ୍କୃତ ହେବାପରେ ଶେଖ୍ ହସିନା ନିର୍ବାସିତ ଅବସ୍ଥାରେ ଭାରତରେ ରହୁଛନ୍ତି ।

ସୂଚନା ଅନୁଯାୟୀ ଶେଖ୍ ହସିନା ବାଂଲାଦେଶରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ପରେ ଭାରତ ପଳାଇ ଆସିଥିଲେ । ବନ୍ଧୁରାଷ୍ଟ୍ର ହିସାବରେ ଭାରତ ଶେଖ ହସିନାଙ୍କୁ ଆଶ୍ରୟ ଦେଇଛି । ତେବେ ବାଂଲାଦେଶରେ ଶେଖ ହସିନାଙ୍କ ବିରୋଧରେ ୨୦୦ରୁ ଅଧିକ ମାମଲା ଦାୟର ହୋଇଛି ।

କିଛିଦିନ ପୂର୍ବେ ସେଠାକାର ଏକ ନ୍ୟାୟାଳୟ ନଭେମ୍ବର ୧୮ ତାରିଖ ସୁଦ୍ଧା ଶେଖ ହସିନା ଏବଂ ତାଙ୍କ ରାଜନୈତିକ ଦଳର ଅନ୍ୟାନ୍ୟ ସଦସ୍ୟମାନଙ୍କୁ ହାଜର ହେବାଲାଗି ନିର୍ଦ୍ଦେଶ ଦେଇଥିଲେ । ସେହି ସମୟସୀମା ପୂରଣ ହେବା ପରେ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ଶେଖ ହସିନାଙ୍କୁ ଭାରତ ବାଂଲାଦେଶକୁ ପଠାଇବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି ।

# ସିଆଇଏସ୍ଏଫ୍- ପୋଷ୍ଟିଂ ପଲିସି

କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ– **CISF** ପକ୍ଷରୁ ଏକ ନୂତନ ନିଯୁକ୍ତି ନୀତି ଉନ୍ମୋଚିତ ହୋଇଛି। **CISF** ଆଇ.ଜି ଡକ୍ଟର କେ.ସି ସାମନ୍ତରାୟ ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପ୍ରଥମଥର ପାଇଁ ପସନ୍ଦ ଭିତ୍ତିକ ନିଯୁକ୍ତି ଆରମ୍ଭ କରାଯାଇଛି। ଏଣିକି ପ୍ରତ୍ୟେକ କର୍ମଚାରୀ ୧୦ଟି ନିଜ ପସନ୍ଦଯୋଗ୍ୟ ନିଯୁକ୍ତି ସ୍ଥାନ ତାଲିକାଭୁକ୍ତ କରିବାର ସୁଯୋଗ ପାଇବେ। ଦୁଇ ବର୍ଷ ମଧ୍ୟରେ ଅବସର ନେବାକୁଥିବା **CISF** ଯବାନମାନଙ୍କ ପସନ୍ଦଯୋଗ୍ୟ ୩ଟି ସ୍ଥାନ ମଧ୍ୟରୁ ପୋଷ୍ଟିଂ ଦିଆଯିବ ଏବଂ ସେମାନଙ୍କୁ ଏ କ୍ଷେତ୍ରରେ ପ୍ରାଥମିକତା ଦିଆଯିବ ବୋଲି ଡକ୍ଟର ସାମନ୍ତରାୟ କହିଛନ୍ତି। ସେ କହିଛନ୍ତି, ମହିଳା ଏବଂ

ଦମ୍ପତିଙ୍କ କ୍ଷେତ୍ରରେ ୬ ବର୍ଷ ପରେ ସେମାନଙ୍କୁ ଏହି ସୁବିଧା ଉପଲବ୍ଧ ହେବ।  ଏହି ନୀତିର ଉଦ୍ଦେଶ୍ୟ ହେଉଛି **CISF** କୁ ଅଧିକ ସ୍ଥାୟୀ ତଥା ସଶକ୍ତ ବାହିନୀ ଭାବେ ଗଢ଼ିତୋଳିବା। ଏହି ନୂତନ ନିଯୁକ୍ତି ନୀତି **CISF** ର ୯୮ ପ୍ରତିଶତରୁ ଅଧିକ କର୍ମଚାରୀ ଉପକୃତ ହେବେ ବୋଲି ଡକ୍ଟର ସାମନ୍ତରାୟ କହିଛନ୍ତି।

# ସୁଟିଂ

ଭୋପାଳରେ ଚାଲିଥିବା ୬୭ତମ ଜାତୀୟ ବନ୍ଧୁକ ଚାଳନା ଚାମ୍ପିୟନସିପ୍‌ରେ ପୁରୁଷ ୧୦ମିଟର ଏୟାର ରାଇଫଲ ପ୍ରତିଯୋଗିତାରେ ସାହୁ ତୁଷାରମାନେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଏଥିସହିତ ସେ ପ୍ରଥମ ସିନିୟର ଜାତୀୟ ଟାଇଟଲ ହାସଲ କରିଛନ୍ତି ।

ପୁରୁଷ ଜୁନିୟର ଜାତୀୟ ଫାଇନାଲରେ ମହାରାଷ୍ଟ୍ରର ପୂର୍ବତନ ବିଶ୍ୱ ଚାମ୍ପିୟନ ରୁଦ୍ରାଂଶ ପାଟିଲ ୧୦ମିଟର ଏୟାର ରାଇଫଲ ବର୍ଗରେ ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି । କର୍ଣ୍ଣାଟକର ଅଭିଷେକ ଶେଖର ରୌପ୍ୟ ପଦକ ଜିତିଥିବାବେଳେ ହରିୟାଣାର ହିମାଂଶୁ କାଂସ୍ୟ ପଦକ ଜିତିଛନ୍ତି । ପୁରୁଷ ୧୦ମିଟର ଏୟାର ରାଇଫଲ ୟୁଥ୍ ଇଭେଣ୍ଟରେ ହିମାଂଶୁ ୨୫୩ ସ୍କୋର୍ ସହ ସ୍ୱର୍ଣ୍ଣପଦକ ଜିତିଥିଲେ । ଏହି ପର୍ଯ୍ୟାୟରେ ମଧ୍ୟପ୍ରଦେଶର

ୟଶ୍ ପାଣ୍ଡେ ରୌପ୍ୟ ଓ ପଶ୍ଚିମବଙ୍ଗର ଅଭିନବ ସ' କାଂସ୍ୟପଦକ ଜିତିଛନ୍ତି ।

## ଓ୍ୱମେନ କ୍ରିକେଟ

ଭାରତ ଓ ଓ୍ୱେଷ୍ଟଇଣ୍ଡିଜ ମଧ୍ୟରେ ଭଦୋଦରାର କୋଟାମ୍ବି ଷ୍ଟାଡିୟମରେ ଆଜି ତିନି ମ୍ୟାଚ୍ ବିଶିଷ୍ଟ ଆଇସିସି ଚମ୍ପିଆନ୍‌ସିପ୍‌ର ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳାଯିବ । ଅପରାହ୍ଣ ଗୋଟାଏ ୩୦ ମିନିଟ୍‌ରୁ ମ୍ୟାଚ୍ ଆରମ୍ଭ ହେବ । ଗତ ରବିବାରଦିନ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଭାରତ ୨୧୧ ରନ୍‌ରେ ଓ୍ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା ।